# NATIONAL NEWS BULLETIN (ODIA)

## 15 September - 2024

### Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଝାଡ଼ଖଣ୍ଡର ଟାଟାନଗର ରେଳଷ୍ଟେସନଠାରେ ୬ଟି ବନ୍ଦେଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳର ଆଜି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଆତଙ୍କବାଦ କାର୍ଯ୍ୟକଳାପ ପ୍ରତିହତ କରିବା ଲକ୍ଷ୍ୟରେ ଏନ୍.ଆଇ.ଏ ଓ ରାଜ୍ୟ ସ୍କ୍ୱାଡ୍ ମଧ୍ୟରେ ସହଯୋଗ ଓ ସମନ୍ୱୟ ବୃଦ୍ଧି ଉପରେ ଗୁରୁତ୍ୱ ଦେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।
- ସମ୍ଭବ ହେଲାନାହିଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଧାରଣାରତ ଡାକ୍ତରଙ୍କ ମଧ୍ୟରେ ଗତକାଲିର ଆଲୋଚନା ବୈଠକ ।
- ୨୦୬ଜଣ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କଲେ ରୁଷ୍ ଏବଂ ୟୁକ୍ରେନ୍ ।

ଏବଂ

- ଶ୍ରେଷ୍ଠ ଡେବ୍ୟୁ ଭାରତୀୟ ଚଳଚ୍ଚିତ୍ର ଭାବେ ନୂତନ ବିଭାଗକୁ ଆଇ.ଏଫ୍.ଏଫ୍.ଆଇରେ ସଂଯୁକ୍ତ କଲା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ।

# ପିଏମ୍-ଥ୍ରି ଡେ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ୩ ଦିନିଆ ଝାଡ଼ଖଣ୍ଡ, ଗୁଜରାଟ ଏବଂ ଓଡ଼ିଶା ଗସ୍ତ କରିବେ । ଶ୍ରୀ ମୋଦୀ ଝାଡ଼ଖଣ୍ଡର ଟାଟାନଗର ରେଳଷ୍ଟେସନ ଠାରେ ୬ଟି ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ସେଗୁଡ଼ିକ ମଧ୍ୟରେ ବ୍ରହ୍ମପୁର-ଟାଟାନଗର, ରାଉରକେଲା-ହାଓ୍ୱାଡ଼ା-ଟାଟାନଗର, ବାରଣାସୀ-ଦେଓଘର, ଟାଟାନଗର-ପାଟନା, ହାଓ୍ୱଡ଼ା-ଧନବାଦ-ଗୟା, ହାଓ୍ୱଡ଼ା-ଡୁମ୍କା-ଭାଗଲପୁର ବନ୍ଦେଭାରତ ଟ୍ରେନ୍‌ର ରହିଛି । ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଝାଡ଼ଖଣ୍ଡରେ ୬୬୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ । ଟାଟାନଗରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ୨୦ ହଜାର ଗ୍ରାମୀଣ ଉପଭୋକ୍ତାଙ୍କୁ ପି.ଏମ୍. ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରିବେ ।

କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ, ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା, ଝାଡ଼ଖଣ୍ଡ ବିଜେପି ମୁଖ୍ୟ ବାବୁଲାଲ ମାରାଣ୍ଡି ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି ପ୍ରଧାନମନ୍ତ୍ରୀ

ଆବାସ ଯୋଜନାରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଧାନମନ୍ତ୍ରୀ ପ୍ରଦାନ କରିବେ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତାକାଲି ପି.ଏମ୍. ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାର ହିତାଧିକାରୀମାନଙ୍କ ସହ ଗୁଜରାଟର ଗାନ୍ଧିନଗର ଠାରେ କଥାବାର୍ତ୍ତା କରିବେ । ଗାନ୍ଧିନଗରର ମହାତ୍ମା ମନ୍ଦିରରେ ପ୍ରଧାନମନ୍ତ୍ରୀ ଚତୁର୍ଥ ବିଶ୍ୱ ପୁନଃବ୍ୟବହାରକ୍ଷମ ଶକ୍ତି ପୁଞ୍ଜିନିବେଶକାରୀଙ୍କ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଶ୍ରୀ ମୋଦୀ ଅହମ୍ମଦାବାଦ ମେଟ୍ରୋ ରେଳ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ମେଟ୍ରୋ ଟ୍ରେନ୍‌ରେ ଗିଫ୍ଟ ସିଟି ପର୍ଯ୍ୟନ୍ତ ଯାତ୍ରା କରିବେ । ସେହିଦିନ ସନ୍ଧ୍ୟାରେ ଅହମ୍ମଦାବାଦରେ ଶ୍ରୀ ମୋଦୀ ୮ ହଜାର କୋଟିରୁ ଅଧିକ ଟଙ୍କାର ଅନେକ ଗୁଡ଼ିଏ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

୧୭ ତାରିଖ ମଙ୍ଗଳବାର ଦିନ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିବେ । ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ପି.ଏମ୍. ଆବାସ ଯୋଜନା ସହରାଞ୍ଚଳର ହିତାଧିକାରୀମାନଙ୍କ ସହ ଆଲୋଚନା କରିବେ ଏବଂ ଭୁବନେଶ୍ୱରଠାରେ ୩ ହଜାର ୮୦୦ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭୁବନେଶ୍ୱର ଜନତା ମଇଦାନଠାରେ ଆୟୋଜିତ

ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ ।

## ଅମିତ ଶାହା-ଏନ୍ଏସ୍ଏସ୍ କନ୍ଫରେନ୍ସ

ଆତଙ୍କବାଦ କାର୍ଯ୍ୟକଳାପ ପ୍ରତିହତ କରିବା ପଦକ୍ଷେପକୁ ସୁଦୃଢ଼ କରିବା ପାଇଁ ଏନ୍.ଆଇ.ଏ ଏବଂ ରାଜ୍ୟ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ମଧ୍ୟରେ ସହଯୋଗ ଓ ସମନ୍ୱୟ ବୃଦ୍ଧି ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀଠାରେ ଚାଲିଥିବା ଦୁଇଦିନିଆ ଜାତୀୟ ସୁରକ୍ଷା ରଣନୀତି ସମ୍ମିଳନୀ ୨୦୨୪ର ଦ୍ୱିତୀୟ ଦିନ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ଶାହା ଏହା କହିଛନ୍ତି । ୨୦୪୭ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମୃଦ୍ଧ, ଶକ୍ତିଶାଳୀ ଏବଂ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ଦିଗରେ କାର୍ଯ୍ୟ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜ୍ୟର ପୁଲିସ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଆତଙ୍କବାଦ ବିରୋଧୀ ପ୍ରୟାସକୁ ତ୍ୱରାନ୍ୱିତ କରିବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଏକ ବିସ୍ତୃତ ରଣନୀତିର ପ୍ରସ୍ତାବ ଦେଇଥିଲେ । ଆନ୍ତର୍ଜାତିକ ଏଜେନ୍ସିଙ୍କ ସହ ସହଯୋଗ ଏବଂ ଆତଙ୍କବାଦକୁ ପାଣ୍ଠି ଯୋଗାଣ ରୋକିବା ପାଇଁ ପ୍ରୟାସ କରାଯିବା ଉପରେ ଏହି ପ୍ରସ୍ତାବରେ ଗୁରୁତ୍ୱ ଦିଆଯାଇଛି । ମାଓବିରୋଧୀ ପଦକ୍ଷେପରେ ସଫଳତା ନେଇ ଶ୍ରୀ ଶାହା ସନ୍ତୋଷବ୍ୟକ୍ତ କରିଛନ୍ତି । ତେବେ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ପରିସ୍ଥିତିକୁ ଚିହ୍ନଟ କରିବା ସହ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି ।

# ପଶ୍ଚିମବଙ୍ଗ ଡକ୍ଟର୍ସ ମିଟ୍

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଧାରଣାରତ ଡାକ୍ତରଙ୍କ ମଧ୍ୟରେ କୋଲକାତାଠାରେ ଗତକାଲି ଅନୁଷ୍ଠିତ ହେବାକୁଥିବା ଆଲୋଚନା ବୈଠକ ସମ୍ଭବ ହୋଇପାରି ନାହିଁ ।  ମୁଖ୍ୟମନ୍ତ୍ରୀ ଗତକାଲି ଅପରାହ୍ଣରେ ସଲ୍ଟଲେକ ଧାରଣାସ୍ଥଳକୁ ଗସ୍ତ କରିଥିଲେ । ଏହାର କିଛିସମୟ ପରେ ପ୍ରାୟ ୬ଟା ୪୫ମିନିଟ୍‌ରେ କନିଷ୍ଠ ଡାକ୍ତରଙ୍କର ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ପହଞ୍ଚିଥିଲେ । ତେବେ ଆଲୋଚନା ବୈଠକର ସିଧା ପ୍ରସାରଣ ସଂକ୍ରାନ୍ତ ଦାବିକୁ କନିଷ୍ଠ ଡାକ୍ତରଙ୍କ ପ୍ରତିନିଧି ମଣ୍ଡଳୀ ଦୋହରାଇଥିଲେ । ଜୁନିୟର ଡାକ୍ତରମାନେ କାର୍ଯ୍ୟକ୍ଷେତ୍ରରେ ଉନ୍ନତ ସ୍ଥିତି ଏବଂ ଆର୍‌ଜିକର ମେଡ଼ିକାଲ କଲେଜ ହସ୍ପିଟାଲ ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ନ୍ୟାୟ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଥମେ ଭେଟିବାକୁ ମନା କରିଦେଇଥିଲେ । ତେବେ ରାତି ୯ଟା ୧୫ ମିନିଟ୍‌ରେ ଆନ୍ଦୋଳନରତ ଡାକ୍ତରମାନେ ଗଣମାଧ୍ୟମକୁ କହିଥିଲେ ବୈଠକର ସିଧା ପ୍ରସାରଣ ବିନା ଆଲୋଚନା ପାଇଁ ବସିବାକୁ ରାଜି ଅଛନ୍ତି । ତେବେ ବୈଠକର ବିବରଣୀରେ ଉଭୟ ପକ୍ଷଙ୍କର ଦସ୍ତଖତ ସେମାନେ ଆଶା କରୁଥିଲେ ।

ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ କହିଥିଲେ ଯେ ଏବେ ବହୁତ ବିଳମ୍ବ ହୋଇସାରିଛି । ମୁଖ୍ୟମନ୍ତ୍ରୀ ତିନିଘଣ୍ଟା କାଳ ଆଲୋଚନା ପାଇଁ ଅପେକ୍ଷା କରିଥିଲେ । ତେଣୁ ବର୍ତ୍ତମାନ କୌଣସି ଆଲୋଚନାର କରିବାର ସ୍ଥିତି ନାହିଁ । ଡାକ୍ତରଙ୍କ କହିବା ଅନୁସାରେ ସେମାନଙ୍କୁ ଫେରିଯିବାକୁ କୁହାଯାଇଥିଲା । ଫଳରେ ଅଚଳାବସ୍ଥା ଜାରି ରହିଛି । ଏହି ପରିସ୍ଥିତି ନେଇ କନିଷ୍ଠ ଡାକ୍ତରମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି । ସ୍ୱାସ୍ଥ୍ୟବିଭାଗ ମନ୍ତ୍ରଣାଳୟ ବାହାରେ ଆନ୍ଦୋଳନରତ କନିଷ୍ଠ ଡାକ୍ତରଙ୍କୁ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ ସିପିଆଇଏମ୍ ନେତା କଳାତନ ଦାସଗୁପ୍ତାଙ୍କ ସମେତ ୨ଜଣଙ୍କୁ ପୁଲିସ ଗିରଫ କରିଛି । ଡାକ୍ତରଙ୍କୁ ଆକ୍ରମଣ କରିବା ଏବଂ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ସରକାରଙ୍କୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର କରାଯାଉଛି ବୋଲି ଟିଏମ୍‌ସି ନେତା କୁନାଲ ଘୋଷଙ୍କ ପକ୍ଷରୁ ଜାରି ଫୋନ୍ କଲ୍‌ର ଅଡିଓ କ୍ଲିପ୍ ପରେ ପୁଲିସ ଏହି ଗିରଫ କରିଛି । ସେମାନଙ୍କୁ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ପୁଲିସ ହେପାଜତରେ ରଖାଯାଇଛି ।

## ସନ୍ଦିପ ଘୋଷ-ସିବିଆଇ ଆରେଷ୍ଟ

ଆର୍‌ଜିକର ମେଡ଼ିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦିପ ଘୋଷଙ୍କୁ ମହିଳା ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ସିବିଆଇ ଗିରଫ କରିଛି । ଏହି ଘଟଣାରେ ତଥ୍ୟ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ତାଲାଥାନା ଅଧିକାରୀ ଅଭିଜିତ ମଣ୍ଡଳଙ୍କୁ ମଧ୍ୟ ଗିରଫ

କରାଯାଇଛି । ଶ୍ରୀ ମଣ୍ଡଳଙ୍କୁ ସିବିଆଇ ୪ଘଣ୍ଟା ଧରି ପଚରାଉଚରା କରିବା ପରେ ତାଙ୍କୁ ଗିରଫ କରିଥିଲା । ସୂଚନାଯୋଗ୍ୟ ପୂର୍ବରୁ ଆର୍ଥିକ ଦୁର୍ନୀତି ଅଭିଯୋଗରେ ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଘୋଷଙ୍କୁ ସିବିଆଇ ଗିରଫ କରିଥିଲା ।

## ମିରଟ ବିଲ୍ଡିଂ କୋଲାପ୍ସ

ଉତ୍ତରପ୍ରଦେଶର ମିରଟଠାରେ ଗତ ସଂଧ୍ୟାରେ ଏକ ତିନିମହଲା କୋଠା ଭୁଶୁଡି ପଡିବାରୁ ୪ଜଣଙ୍କର ମୃତ୍ୟୁ ହୋଇଛି । ଲୋହିଆନଗର ଅଞ୍ଚଳର ଜାକିର କଲୋନୀର ଏହି କୋଠାଟି ଭୁଶୁଡି ପଡିଥିଲା । ମିରଟ ଜିଲ୍ଲା ମାଜିଷ୍ଟ୍ରେଟ୍ ଦୀପକ ମିନା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି କୋଠିଟି ଭୁଶୁଡିବା ସମୟରେ ୧୪ରୁ ୧୫ ଜଣ ଲୋକ ତା’ ଭିତରେ ରହିଥିବା ଜଣାପଡିଛି । ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିବା ଗୋଟିଏ ଶିଶୁକୁ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ସଫଳତାର ସହ ୧୦ଜଣ ଲୋକଙ୍କୁ ଉଦ୍ଧାର କରିଛନ୍ତି । ତେବେ ଆହୁରି ୪ରୁ ୫ଜଣ ଲୋକ ଏବେବି ଭଗ୍ନାବଶେଷ ତଳେ ରହିଥିବା ଆଶଙ୍କା କରାଯାଉଛି । ପ୍ରବଳ ବର୍ଷା ଯୋଗୁଁ ଉଦ୍ଧାରକାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରି ଉଦ୍ଧାର କାର୍ଯ୍ୟ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ।

# ୟୁଏସ୍ ଡିପ୍ଲୋମାଟ୍ ଢ଼ାକା

ଆମେରିକା ବୈଦେଶିକ ବିଭାଗର ପ୍ରମୁଖ କୂଟନୀତିଜ୍ଞ ଡୋନାଲ୍ଡ ଲୁ ବାଂଲାଦେଶ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ପ୍ରଫେସର ମହମ୍ମଦ ୟୁନୁସଙ୍କ ସହ ଆଲୋଚନା କରିବେ । ଦକ୍ଷିଣ ଓ ମଧ୍ୟଏସୀୟ ବ୍ୟାପାର ବିଭାଗର ସହକାରୀ ସଚିବ ଶ୍ରୀ ଲୁ ଦିଲ୍ଲୀ ଗସ୍ତ ଶେଷ କରି ଗତକାଲି ମଧ୍ୟାହ୍ନରେ ଢ଼ାକାରେ ପହଞ୍ଚିଥିଲେ । ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଶ୍ରୀ ଲୁ ଆମେରିକା ପ୍ରତିନିଧି ଦଳର ନେତୃତ୍ୱ ନେଇଛନ୍ତି । ପ୍ରଫେସର ୟୁନୁସଙ୍କୁ ଭେଟି ଏହି ପ୍ରତିନିଧିମଣ୍ଡଳୀ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ । ମୁଖ୍ୟତଃ ଆର୍ଥିକ ଏବଂ ବାଣିଜ୍ୟ ପ୍ରସଙ୍ଗ ଉପରେ ଆଲୋଚନାରେ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରଣାଳୟ କହିଛି ।

# ରୁଷିଆ-ୟୁକ୍ରେନ୍ ପରିଜନରର୍ସ

ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଉଭୟ ପକ୍ଷରୁ ଧରାପଡିଥିବା ଯୁଦ୍ଧବନ୍ଦୀଙ୍କ ମଧ୍ୟରୁ ୨୦୬ଜଣଙ୍କୁ ମୁକ୍ତ କରିଦିଆଯାଇଛି । ରୁଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି କୁର୍ସ୍ ଅଞ୍ଚଳରେ ବନ୍ଦୀ ହୋଇଥିବା ୧୦୩ଜଣ ରୁଷୀୟ ସୈନିକଙ୍କୁ ମୁକ୍ତ କରାଯାଇଥିବାବେଳେ ଏହା ବଦଳରେ ସମପରିମାଣର ୟୁକ୍ରେନ୍ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରାଯାଇଛି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦମିର୍ ଜେନେଲେସ୍କି କହିଛନ୍ତି ୨୧ଜଣ

ଅଧିକାରୀଙ୍କ ସମେତ ମୋଟ୍ ୧୦୩ଜଣ ୟୁକ୍ରେନ୍ ସୈନିକଙ୍କୁ ମୁକ୍ତ କରାଯାଇଛି । ଗଣମାଧ୍ୟମ ସୂଚନା ଅନୁଯାୟୀ ମୁକ୍ତ ହୋଇଥିବା ରୁଷ୍‌ର ସୈନିକ ଏବେ ବେଲାରୁଷଠାରେ ରହିଛନ୍ତି । ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି । ରୁଷ୍ ଏବଂ ୟୁକ୍ରେନ୍ ମଧ୍ୟରେ ଉଭୟପକ୍ଷରୁ ୧୧୫ଜଣ ଲେଖାଏଁ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରିବା ନେଇ ହୋଇଥିବା ଚୁକ୍ତିର ୩ ସପ୍ତାହ ପରେ ସଂଯୁକ୍ତ ଆରବ ଏମିରେଟ୍‌ସର ମଧ୍ୟସ୍ଥତାରେ ଉଭୟ ଦେଶ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

## ଆଇ ଆଣ୍ଡ ବି ମିନିଷ୍ଟ୍ରି

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଆଇ.ଏଫ୍.ଏଫ୍.ଆଇର ଏକ ଅଂଶ ଭାବରେ ଏକ ନୂତନ ବିଭାଗ ଆରମ୍ଭ କରିଛି । ଯୁବ ଚଳଚ୍ଚିତ୍ର ନିର୍ମାତାଙ୍କ ପାଇଁ ଶ୍ରେଷ୍ଠ ଡେବ୍ୟୁ ଭାରତୀୟ ଚଳଚ୍ଚିତ୍ର ୨୦୨୪ ନାମରେ ଏହି ବିଭାଗ ଅନ୍ତର୍ଭୁକ୍ତ କରାଯାଇଛି । ନଭେମ୍ବର ୨୦ରୁ ୨୮ ତାରିଖ ପର୍ଯ୍ୟନ୍ତ ଗୋଆରେ ୫୫ତମ ଆଇ.ଏଫ୍.ଏଫ୍.ଆଇ ଅନୁଷ୍ଠିତ ହେବ । ଏହି ନୂତନ ବିଭାଗ ମାଧ୍ୟମରେ ଆଇଏଫ୍ଏଫ୍ଆଇ ଭାରତୀୟ ଡେବ୍ୟୁ ଫିଲ୍ମ ଉପରେ ଅଧିକ ଦୃଷ୍ଟି ପ୍ରଦାନ କରିବ । ଏଥିରେ ଯୁବ ଚଳଚ୍ଚିତ୍ର ନିର୍ମାତାଙ୍କ ସୃଜନଶୀଳ ଦୃଷ୍ଟିକୋଣ ଏବଂ ତଥା ନୂତନ ପ୍ରତିଭାଙ୍କୁ ପ୍ଲାଟଫର୍ମ ପ୍ରଦାନର ସୁଯୋଗ ମିଳିବ । ଏହି ବିଭାଗରେ ଭାରତୀୟ ଚଳଚ୍ଚିତ୍ରର ସର୍ବାଧିକ ୫ଟି ଡେବ୍ୟୁ ଚଳଚ୍ଚିତ୍ରକୁ ଚୟନ କରାଯାଇ ପ୍ରଦର୍ଶନ କରାଯିବ ।